ଗୀତା ମଧ୍ୟେ ମହାସିନ୍ଧୁ ।

Std II ୨୧·୪·୨୧

## ଆସ ବାକ୍ୟ ଗଢ଼ିବା

ଚନ୍ଦନପୁରରୁ ବଡ଼ ଦେଉଳ ଦୃଶ୍ୟ ହୁଏ । ପିପିଲି ଚାନ୍ଦୁଆ ପାଇଁ ବିଶ୍ୱ ବିଖ୍ୟାତ । ବନ୍ଧୁ ମହାନ୍ତି ଜଗନ୍ନାଥଙ୍କର ବଡ଼ ଭକ୍ତ । ଅନ୍ଧଟି କନ୍ଥା ଘୋଡ଼ି ହୋଇଛି । ସୁଗନ୍ଧ ରାଜ ଫୁଲର ସୁଗନ୍ଧ ବଡ଼ ମଧୁର । ସନ୍ଦେହ ମଣିଷର ଶତ୍ରୁ ଅଟେ ।

## ଆସ ଗପ ପଢ଼ିବା

ନନ୍ଦ ଥିଲେ ଗୋପପୁରର ରାଜା । କୃପାସିନ୍ଧୁ ଭଗବାନ ତାଙ୍କର ପୁଅ ଥିଲେ । ଗୋପୀମାନେ ତାଙ୍କୁ ଶ୍ୟାମଘନ ଡାକୁଥିଲେ । ସେ ଖୁବ୍ ଚଗଲା ଥିଲେ । ପୁଅର ଚଗଲାମୀ ପାଇଁ ଗୋପନାରୀମାନେ ନନ୍ଦ ଓ ଯଶୋଦାଙ୍କ ଆଗରେ ତାଙ୍କର ନିନ୍ଦା କରୁଥିଲେ । ରାଜା ନନ୍ଦଙ୍କୁ ଯିଏ ଯାହା କହିଲେବି ସେ ଶ୍ୟାମଘନଙ୍କୁ ବନ୍ଧନ ଭିତରେ ରଖିବା ପାଇଁ ଚାହୁଁନଥିଲେ । ମାତା ଯଶୋଦା କିନ୍ତୁ ତାଙ୍କୁ ଖୁଆ ଛନ୍ଦରେ ବାନ୍ଧି ଦେଉଥିଲେ । ନନ୍ଦରାଜା ପୁଅର ବନ୍ଧନ ଖୋଲି ତାକୁ ନିଜ କାନ୍ଧରେ ବସାଇ ଜହ୍ନ ଦେଖାଉଥିଲେ । ଶ୍ୟାମର ସୁନ୍ଦର ମୁହଁରେ ମନ୍ଦମନ୍ଦ ହସ ଦେଖି ସେ ଆନନ୍ଦ ଲାଭ କରୁଥିଲେ ।

Hw practice it

Std - II

Poem test

୨୧·୪·୨୧

## ଦ୍ୱିତୀୟ ଭାଗ

# ଆମ ଭାଷା ଆମ ସାହିତ୍ୟ

ତା- 25·୪·୨୧ to ୧·୭·୨୧

## ପ୍ରାର୍ଥନା

ରାମକୃଷ୍ଣ ନନ୍ଦ

ଆହେ ଦୟାମୟ ବିଶ୍ୱ ବିହାରୀ
ଘେନ ଦୟାବହି ମୋର ଗୁହାରି ।
ଜଳ, ସ୍ଥଳ, ବନ, ଗିରି, ଆକାଶ,
ତୁମ୍ଭ ଲୀଳା ସବୁଠାରେ ପ୍ରକାଶ ।
ତୁମେ ଶୁଭବୁଦ୍ଧି ପରା ଶିଖାଅ,
ତୁମେ ଭଲବାଟ ପରା ଦେଖାଅ ।
ମୋର କାମକୁ କରାଅ ସରସ,
ମୋର ମୁଖେ ଦିଅ ଚିର ହରଷ ।
ତୁମ୍ଭ ଚରଣରେ ମୋର ଭକତି,
ଦିଅ ବିପଦେ ସାହସ ଶକତି ।
କୂଟ କପଟ ସ୍ୱଭାବ ଯାହାର,
ତାଙ୍କୁ ଦୂରୁଁ ମୁଁ କରଇ ଜୁହାର ।
ମୋତେ ନ ମିଶାଅ ତାଙ୍କ ସାଥିରେ,
ସଦା ରଖ ସାଧୁଜନ କତିରେ ।
ଦୟା ବିନୟ ହେଉ ମୋ ଭୂଷଣ
କାହା ମନେ ନ ଦିଏଁ ମୁଁ କଷଣ ।
ଦୁଃଖୀ ଅରକ୍ଷିତ ସେବା କାରଣେ,
ବଳ ଦିଅ ମୋର କର ଚରଣେ ।
ସତ କହିବାକୁ କିଆଁ ଡରିବି,
ସତ କହି ପଛେ ମଲେ ମରିବି ।
ମୋତେ ଏତିକି ଶିଖାଅ ସାଇଁ ହେ
ମୋର ଧନଜନ ଲୋଡ଼ା ନାହିଁ ହେ ।

